# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ: ବରଗଡ଼

ସଂଖ୍ୟା.   ୭୯୭୫/ ତାରିଖ. ୦୧.୦୭.୨୦୨୩

## କନିଷ୍ଠ ରାଜସ୍ୱ ସହାୟକ ପଦବୀ ପୁନଃନିଯୁକ୍ତି ପାଇଁ ବିଜ୍ଞାପନ

ଏତଦ୍ୱାରା ଅବସର ପ୍ରାପ୍ତ ମୁଖ୍ୟ/ବରିଷ୍ଠ/କନିଷ୍ଠ ରାଜସ୍ୱ ସହାୟକ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ପତ୍ର ସଂଖ୍ୟା ୮୧୯୨/ତା ୦୩.୦୩.୨୦୨୩, ଅନୁଯାୟୀ ବରଗଡ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ମାନଙ୍କରେ ଖାଲିଥିବା କନିଷ୍ଠ ରାଜସ୍ୱ ସହାୟକ ପଦବୀ ମାନଙ୍କ ସକାଶେ, ୧ ବର୍ଷ କିମ୍ବା ସରକାରଙ୍କ ଦ୍ୱାରା ନିୟମିତ ପଦବୀପୂରଣ ହେବା ପର୍ଯ୍ୟନ୍ତ, ଚୁକ୍ତିଭିତ୍ତିକ ପୁନଃ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ସାଧାରଣ ଓ ପ୍ରଶାସନ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗେଜେଟ ନୋଟିଫିକେସନ ସଂଖ୍ୟା ୨୩୭୫୦/GAD.ତା ୨୭.୦୮.୨୦୧୪ ର ସମସ୍ତ ସର୍ତ୍ତାବଳୀ ଅନୁସାରେ, ଏହି ପଦବୀ ପୂରଣ ନିମନ୍ତେ ଆବେଦନକାରୀ ସରକାରୀ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିବେ ଏବଂ ୩୧.୦୩.୨୦୨୩ ସୁଦ୍ଧା ତାଙ୍କୁ ୬୪ ବର୍ଷରୁ ଉର୍ଦ୍ଧ ହୋଇନଥିବ । ଏତଦବ୍ୟତୀତ ଯଦି କୌଣସି ଆବେଦନକାରୀଙ୍କ ନାମରେ ବିଭାଗୀୟ କର୍ଯ୍ୟାନୁଷ୍ଠାନ (Departmental Proceeding) /ଫୌଜଦାରୀ ମାମଲା (Criminal Case) ଥିବ କିମ୍ବା ପାଞ୍ଚବର୍ଷ ମଧ୍ୟରେ ସରକାରୀ କାର୍ଯ୍ୟରେ ଅବହେଳା ହେତୁ ଦଣ୍ଡିତ ହୋଇଥିବେ, ତା ହେଲେ ସେମାନେ ଉକ୍ତ ପଦବୀ ପାଇଁ ଆବେଦନ କରି ପାରିବେ ନାହିଁ । ଏହି ସବୁ ପଦବୀ ପୂରଣ ପାଇଁ ସ୍ଥାନୀୟ ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଯଦି ସ୍ଥାନୀୟ / ଆଞ୍ଚଳିକପ୍ରାର୍ଥୀ ନ ମିଳନ୍ତି ତେବେ ଅନ୍ୟ ଜିଲ୍ଲାରୁ ଆସିଥିବା ଆବେଦନ ସବୁ ବିଚାରକୁ ନିଆଯିବ ।

| କ୍ର. ସଂ. | ପଦବୀ | ଖାଲିଥିବା ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ (ଅର୍ଥ ବିଭାଗ ପତ୍ର ସଂଖ୍ୟା ୨୪୫୩୩/ତା.୨୯.୦୯.୨୦୨୨ ଅନୁଯାୟୀ ପ୍ରଯୁଜ୍ୟ) |
|---|---|---|---|
| 1 | କନିଷ୍ଠ ରାଜସ୍ୱ ସହାୟକ (ଲେଭେଲ-୪) | ୪୯ | ୧୦୦୦୦/- |

ଯୋଗ୍ୟ ପ୍ରାର୍ଥୀ ପେନସନ ପେମେଣ୍ଟ ଅର୍ଡର / ପ୍ରୋଭିଜନାଲ ପେନସନ ଅର୍ଡର, ତଥା ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ଅବସରକାଳୀନ ଆଦେଶର ପ୍ରାମାଣିକ ପତ୍ରର ସ୍ୱସ୍ୱାକ୍ଷରିତ ଅବିକଳ ନକଲ ସହିତ ୨ ଗୋଟି ପାସପୋର୍ଟ ସାଇଜ ଫୋଟୋଗ୍ରାଫ ଆବେଦନ ଫର୍ମରେ ସଂଲଗ୍ନ କରି ତା: **୩୦.୦୭.୨୦୨୩** ରିଖ ଅପରାହ୍ଣ ୫ ଟା, ସୁଦ୍ଧା (ସରକାରୀ ଛୁଟିଦିନ ବ୍ୟତୀତ) ଜିଲ୍ଲା କାର୍ଯ୍ୟାଳୟ (ସଂସ୍ଥା ଉପବିଭାଗ), ବରଗଡ , ପିନ- ୭୬୮୦୨୮, ଠିକଣାରେ କେବଳ Regd. Post/ Speed Post ଜରିଆରେ ପଠାଇ ପାରିବେ । ଲଫାପା ଉପରେ ଆବେଦନ କରିଥିବା ପଦବୀର ନାମ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଜରୁରୀ ଅଟେ । ଆବଶ୍ୟକୀୟ ପ୍ରମାଣପତ୍ର ସଂଯୋଗ ହୋଇନଥିବା ତଥା ଅସମ୍ପୂର୍ଣ୍ଣ ଆବେଦନ ପତ୍ର, *Regd. Post/ Speed Post* ବ୍ୟତୀତ ଅନ୍ୟ ମଧ୍ୟମରେ କିମ୍ବା ଧାର୍ଯ୍ୟ ତାରିଖ ପରେ କୌଣସି ଆବେଦନ ପତ୍ର ବିଚାରକୁ ନିଆଯିବ ନାହିଁ । ଉପରୋକ୍ତ ବିଜ୍ଞାପନକୁ କର୍ତ୍ତୃପକ୍ଷ ଇଚ୍ଛାକଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

- ଆବେଦନ ପତ୍ର www.bargarh.nic.in ରେ ଉପଲବ୍ଧ ଅଟେ ।

**ଜିଲ୍ଲାପାଳ , ବରଗଡ**

**ଜ୍ଞାପକ ସଂଖ୍ୟା ୭୯୭୬ / ତାରିଖ ୦୧.୦୭.୨୦୨୩**

ଏହାର ଏକକିତ ନକଲ DIO , NIC , ବରଗଡଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ www.bargarh.nic.in ରେ ଉପରୋକ୍ତ ବିଜ୍ଞାପନର ପ୍ରକାଶନ ନିମନ୍ତେ ଜଣାଇ ଦିଆଗଲା ।

ଏହାର ଏକକିତ ନକଲ DI &PRO, ବରଗଡ ଙ୍କ ଅବଗତି ତଥା, ଏହି ବିଜ୍ଞାପନ ର ସଂକ୍ଷିପ୍ତ ସଂସ୍କରଣ ଆଞ୍ଚଳିକ ସମ୍ବାଦ ପତ୍ରିକାରେ ପ୍ରକାଶନ ନିମନ୍ତେ ଜଣାଇ ଦିଆଗଲା ।

**ଜିଲ୍ଲାପାଳ , ବରଗଡ**

## ଚୁକ୍ତି ଭିତ୍ତିକ କନିଷ୍ଠ ରାଜସ୍ୱ ସହାୟକ ପଦବୀ ପୁନଃନିଯୁକ୍ତି ପାଇଁ
## ଆବେଦନ ପତ୍ର

ସ୍ୱସ୍ୱାକ୍ଷରିତ
ପାସପୋର୍ଟ ସାଇଜ
ଫୋଟୋଗ୍ରାଫ
ସଂଲଗ୍ନ କରିବେ

| | | | | | | |
|---|---|---|---|---|---|---|
| ୧ | ଆବେଦନକାରୀଙ୍କ ନାମ | | | | | |
| ୨ | ପିତାଙ୍କ ନାମ | | | | | |
| ୩ | ଜନ୍ମ ତାରିଖ | | | | | |
| ୪ | ଜାତି /ବର୍ଗ | | ଧର୍ମ | | ଜାତୀୟତା | |
| ୫ | ସ୍ଥାୟୀ ଠିକଣା | | | | | |
| ୬ | ବର୍ତ୍ତମାନ ଠିକଣା | | | | | |
| ୭ | ସେବାରୁ  ନିବୃତ ହୋଇଥିବା ଆଦେଶ ସଂଖ୍ୟା / ତାରିଖ | | | | | |
| ୮ | ସେବାରୁ ନିବୃତ ହୋଇଥିବା ପଦବୀ | | | | | |
| ୯ | ପେନସନ / ପ୍ରୋଭିଜନାଲ ପେନସନ ଧାରୀଙ୍କ  ଅର୍ଡର ନମ୍ବର ଓ  ତାରିଖ (ଅବିକଳ ନକଲ ସଂଲଗ୍ନ କରିବେ) | | | | | |
| ୧୦ | ଆବେଦନକାରୀଙ୍କ ସ୍ୱାସ୍ଥ୍ୟଗତ ଘୋଷଣା ନାମା | | | | | |
| ୧୧ | ବିଗତ ୫ ବର୍ଷ ମଧ୍ୟରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ବିଚାରଧିନ ନ ଥିବା ସକାଶେ ଘୋଷଣା ନାମା | | | | | |

ମୁ ଶ୍ରୀ / ଶ୍ରୀମତୀ ................................................, ସ୍ଥିର ଚିତ୍ତରେ ଘୋଷଣା କରୁଅଛି ଯେ, ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ, ଏବଂ ପୁନଃ ନିଯୁକ୍ତି ପରେ ଯଦି କୌଣସି ତଥ୍ୟ ମିଥ୍ୟା ପ୍ରମାଣିତ ହୁଏ, ତେବେ ସରକାରଙ୍କ ନିୟମ ମୁତାବକ ଦଣ୍ଡିତ ହେବି ।

ସ୍ଥାନ:

ତା:                                                                                    ଆବେଦନକାରୀଙ୍କ ସ୍ୱାକ୍ଷର